# ଶିମିଳିପାଳ ଅଭୟାରଣ୍ୟକୁ ଆସିଲା ମହାବଳ

ମୟୂରଭଞ୍ଜ, (ଯୁବମୋର୍ଚ୍ଚା ବ୍ୟୁରୋ) : ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ଅଭୟାରଣ୍ୟରୁ ଏହି ବାଘୁଣୀକୁ ଅଣାଯାଇଛି । ଆସନ୍ତାକାଲି ଏହି ବାଘୁଣୀକୁ କୋର୍ ଏରିଆରେ ଛଡ଼ାଯିବ । ପରବର୍ତ୍ତୀ ସମୟରେ ଆଉ ଗୋଟିଏ ବାଘୁଣୀ ଆସିବ । ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି । ଓଡ଼ିଶାରେ ୩୦ ମହାବଳ ବାଘ ଅଛନ୍ତି । ସେଥିରୁ ୨୭ଟି ମହାବଳ ଶିମିଳିପାଳ ଅଭୟାରଣ୍ୟରେ



ରହିଛନ୍ତି । ସେହି ୨୭ ମହାବଳ ମଧ୍ୟରେ ୧୩ଟି ଇନ୍ ବ୍ରିଡିଂ(ସମବଂଶୀଙ୍କ ମଧ୍ୟରେ ମେଟିଂ) କଳାବାଘ ରହିଛନ୍ତି । ଏହି ପ୍ରଜାତିର ମହାବଳ ବାଘଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ । ତେଣୁ ଏମାନେ ଅଳ୍ପ ଆୟୁ । ଯାହାକି ବଂଶ ଲୋପର କାରଣ ପାଲଟିପାରେ ବୋଲି ଆଶଙ୍କା କରିଥିଲେ ବନ୍ୟପ୍ରାଣୀ ବିଶେଷଜ୍ଞ ।

ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଥିଲେ । ସେଥିପାଇଁ ମହାରାଷ୍ଟ୍ରରୁ ମହାବଳ ଆଣିବା ପାଇଁ ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍ଟିସିଏ)ଙ୍କ ଅନୁମତି ଲୋଡ଼ିଥିଲା । ଏନ୍ଟିସିଏ ଏଥିପାଇଁ ଅନୁମତି ଦେଇଥିଲେଯ ତା'ପରେ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ ତଡ଼ବା ଅନ୍ଧାରୀ ବ୍ୟାଘ୍ର ଅଭୟାରଣ୍ୟକୁ ଯାଇଥିଲେ । ତନାଘନା ପରେ ସେଠାରୁ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ବାଘୁଣୀ ଓଡ଼ିଶା ଆସିଛି । ଆସନ୍ତାକାଲି ବାଘୁଣୀକୁ ଶିମିଳିପାଳ ଅଭୟାରଣ୍ୟର କୋର ଏରିଆରେ ଛଡ଼ାଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ଗୋଟିଏ ବାଘୁଣୀ ଶିମିଳିପାଳ ଅଭୟାରଣ୍ୟକୁ ଆସିବ । ଏବେ ମଧ୍ୟ ବନ ବିଭାଗ ମହାରାଷ୍ଟ୍ରରେ ରହିଛି ।

# ଭିନ୍ନକ୍ଷମ ଶିଶୁଙ୍କ ସହ ସମର୍ପଣ ଉତ୍ସବ ପାଳନ କଲା ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ

**ବଲାଙ୍ଗୀର, (ମହେନ୍ଦ୍ର ପ୍ରଧାନ) :** ବଲାଙ୍ଗୀରର ଅଗ୍ରଣୀ ସମାଜ ସେବୀ ସଂଗଠନ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ ତାର ବାର୍ଷିକ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ କରିଛି । ଯେଉଁଥିରେ ଏହି ସଂଗଠନ ଭିନ୍ନ କ୍ଷମ ଶିଶୁଙ୍କୁ ଓ ଅସହାୟଙ୍କୁ ନେଇ ସମର୍ପଣ ଉତ୍ସବ ପାଳନ କରିଛି । ଏବଂ ଭିନ୍ନ କ୍ଷମ ଶିଶୁଙ୍କ ମନୋରଞ୍ଜନ ପାଇଁ ଏକ ବିରାଟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରିଥିଲା ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଘଠନ ଯ ବଲାଙ୍ଗୀର ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରେ ଏହି ସମର୍ପଣ ଉତ୍ସବ ପାଳନ କରିଥିଲା ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନଯ ଏଥିରେ ଅତିଥି ଭାବରେ ଓଲିଉଡ ଷ୍ଟାର ଅଭିନେତା ବବି ମିଶ୍ର, ସମ୍ବଲପୁରୀ ରକଷ୍ଟାର ରୁକୁ ସୁନା, ମୁଖ୍ୟ ଅତିଥି ପୌରଧକ୍ଷା ଲିକା ସାହୁ, ବଲାଙ୍ଗୀର ବ୍ଲକ ଅଧକ୍ଷା ସରିତା ବାଗ, ଦେଓଗାଁ ବ୍ଲକ ଅଧକ୍ଷ ମଣ୍ଟୁ ଖମାରୀ, ବିଜେଡ଼ି ନେତା ଲୋଟସ ଷଡ଼ଙ୍ଗୀ, କଂଗ୍ରେସ ଯୁବ ନେତା ଆକବର ଖାନ୍, ମୁଖ୍ୟ ବକ୍ତା ବରିଷ୍ଠ ସାମ୍ବାଦିକ ସତ୍ୟ ପ୍ରକାଶ ନାୟକ, ସଂଗଠନର ଉପଦେଷ୍ଟା ମଣ୍ଡଳୀ ଟୁନା ମିଶ୍ର, କିଶୋର ରଥ, ଉତ୍ତମ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବଲାଙ୍ଗୀର ଜଗତ ବନ୍ଧୁ ଶିକ୍ଷା ନିକେତନ ସାଲେପାଲି, ପାର୍ବତୀଗିରି ଆଶ୍ରମ ପଥରଚେପା ଆଦ୍ୟାଶା ଆଶ୍ରମ ପଥରଚେପା ଅନ୍ଧ ମୁକ ବଧିର ସେବା ନିକେଥନ ଶିବତଲା, ତରଭାର ଶତାଧିକ ଛାତ୍ର ଛାତ୍ରୀ ଏଥିରେ ସାମିଲ ହୋଇଥିଲେ । ତେବେ ଭିନ୍ନ କ୍ଷମ ଶିଶୁ ମାନଙ୍କ ପାଇଁ ଏଠି ସାମିଲ ହୋଇଥିବା ଓଲିଉଡ ଷ୍ଟାର ବବି ମିଶ୍ର ଓ ସମ୍ବଲପୁରୀ ରକ୍ ଷ୍ଟାର ରୁକୁ ସୁନା ଓ ତାଙ୍କ ଟିମ୍ ଗୀତ ନାଚ ପରିବେଷଣ କରିଥିଲେଯ ସେହିପରି ଉପସ୍ଥିତ ହଜାର ହଜାର ଦର୍ଶକ, ବିଭିନ୍ନ ସଙ୍ଗଠନର ସଦସ୍ୟ ଏହି ସମର୍ପଣ ସନ୍ଧ୍ୟାରେ ସମ୍ବଲପୁରୀ ସଙ୍ଗୀତର ବେଶ ମଜା ଉଠାଇ ଥିଲେ । ତେବେ ବଲାଙ୍ଗୀର ସ୍ୱେଚ୍ଛା ସେବୀ ସଂଗଠନ ଦୀର୍ଘ ବର୍ଷ ହେବ ସମାଜ ସେବାରେ ନିଜକୁ



ନିୟୋଜିତ କରି ଆସିଛି । ଯେଉଁଥିରେ ଗରିବ ଲୋକଙ୍କୁ ସବୁ ପ୍ରକାରର ସହାୟତା କରି ଆସିଛି । ସେହିପରି ଅସହାୟ ମୁହଁରେ ହସ ଫୁଟାଇବା ପାଇଁ ଏହି ସଂଗଠନ ଅନବରତ ଚେଷ୍ଟା ଜାରି ରଖି ସେବା ଯୋଗାଇ ଦେଇ ଆସିଛି । ଜିଲ୍ଲା ଓ ଜିଲ୍ଲା ବାହାରେ ବିପଦ ଆପାଦରେ ଲୋକଙ୍କ ପାଖରେ ସବୁ ବେଳେ ଛିଡା ହୋଇ ଏହି ସଂଗଠନ ନିଃସ୍ୱାର୍ଥପର ସେବା ଯୋଗାଇ ଦେଇ ଆସିଛି । ସମାନ ଭାବରେ ଲୋକଙ୍କ ହକ ଦାବି ପାଇଁ ମଧ୍ୟ ଲୋକଙ୍କ ସହ ଛିଡା ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି ଏହି ସଂଗଠନ ।

# ମଣ୍ଡଳସ୍ତରୀୟ ନିପୁଣ ଓଡିଶା ମିଶନର ଶୁଭାରମ୍ଭ କଲେ ବିଧାୟକ



**ପିପିଲି, (ବିଜୟ ମହାପାତ୍ର) :** ମଣ୍ଡଳ ସ୍ତରୀୟ ନିପୁଣ ଓଡିଶା ମିଶନର ଶୁଭାରମ୍ଭ ପିପିଲି ବ୍ଲକ ଅନ୍ତର୍ଗତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ଦାଣ୍ଡମୁକୁନ୍ଦପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ସିଆରସିସି ଚିନ୍ତାମଣି ଓଝା ପରିଚାଳନା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ଅଧକ୍ଷ ସନ୍ତୋଷ କୁମାର ପରିଡା ଏବଂ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପୀତବାସ ସେଠି, ଗୋପବନ୍ଧୁ ମେମୋରିଆଲ ହାଇ ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡଙ୍ଗୀ, ସହକାରୀ ଶିକ୍ଷାଧିକାରୀ ସାହେବ୍ ପାତ୍ର, ଲକ୍ଷ୍ମୀପ୍ରିୟା ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକ ଯୋଗଦେଇ ନିପୁଣ ଓଡିଶା ମିଶନର ଲୋଗୋକୁ ଉନ୍ମୋଚନ କରି ସେମାନଙ୍କ ବକ୍ତବ୍ୟରେ ଭାରତ ସରକାରଙ୍କ ଦ୍ୱାରା ପ୍ରଣିତ ନୂତନ ଶିକ୍ଷାନୀତି ୨୦୨୦ ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାଥମିକ ସ୍ତରରୁ କୁନି କୁନି ପିଲାମାନଙ୍କୁ ସମସ୍ତ ମୌଳିକ ଓ ବୌଦ୍ଧିକ ଜ୍ଞାନ ପ୍ରଦାନ କରି ସବୁ କ୍ଷେତ୍ରରେ ପିଲାମାନଙ୍କୁ ନିପୁଣ କରାଇବା ଏହି ଶିକ୍ଷା ବ୍ୟବସ୍ଥାର ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିପିଲି ବ୍ଲକ୍ର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲ ।

# ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର କୃତିତ୍ୱ

**ବାରିପଦା , (ଯୁବମୋର୍ଚ୍ଚା ବ୍ୟୁରୋ) :** ଓଡିଶା ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ମୁନିସିପାଲ ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସହିତ ବାଳକ ଟିମ ମ୍ୟାନେଜର ପିଇଟି ତରିଣୀସେନ ନାଏକ ଓ ବାଳିକା ଟିମ ମ୍ୟାନେଜର ପିଇଟି ଶକୁନ୍ତଳା ମହାନ୍ତଙ୍କ ନେତୃତ୍ୱରେ କ୍ରୀଡ଼ାବିତମାନେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳିକା ବିଭାଗରେ ଇଣ୍ଡିଆନ ରାଉଣ୍ଡରେ କପ୍ତିପଦା ବ୍ଲକ ଅନ୍ତର୍ଗତ ଓଏଭି,



ଭାଲୁବସାର ଅଷ୍ଟମ ଶ୍ରେଣୀର ଛାତ୍ରୀ ସାଇକ୍ରିଷ୍ଟା ବେହେରା ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ, ୧୭ ବର୍ଷରୁ କମ ବାଳିକା ବିଭାଗର କମ୍ପାଉଣ୍ଡ ରାଉଣ୍ଡରେ କରଞ୍ଜିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତ ଗୋଟିଏ ବ୍ରୋଞ୍ଜ ପଦକ, ବାଙ୍ଗରିପୋଷି ବ୍ଲକ ଅନ୍ତର୍ଗତ ଝିଙ୍କପାହାଡ଼ୀ ଗ୍ରାମ ନେତୃପାଟ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଲିପସିତା ମହାନ୍ତ ଦୁଇଟି ବ୍ରୋଞ୍ଜ ପଦକ ଓ ୧୪ ବର୍ଷରୁ କମ ବାଳକ ବିଭାଗ କମ୍ପାଉଣ୍ଡ ରାଉଣ୍ଡରେ ଉକ୍ତ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ପ୍ରତ୍ୟୁଷ କୁମାର ଗିରି ଦୁଇଟି ସ୍ୱର୍ଣ୍ଣ ପଦକ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି । ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ବିଜେତା ମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ

**ରାୟଗଡ, (ସ୍ୱର୍ଣ୍ଣଲତା ସାହୁ) :** ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪ ପାଳନ ଅବସରରେ ଆଜି ତା ୨୮/୧୦/ ୨୦୨୪ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଶପଥ ପାଠ କରାଯାଇଥିଲା । ସ୍ଥାନୀୟ ଓସ୍ୱାନ ହଲ ଠାରେ ଆଓ୍ୱାସି ମାଧ୍ୟମରେ ସିଧା ପ୍ରସାରଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସମସ୍ତ କର୍ମଚାରୀ ମାନଙ୍କୁ ଦୁର୍ନୀତି ନିବାରଣ ଉପରେ ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ଏହି ମୂଳମନ୍ତ୍ର ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଆଭାସୀ ମାଧ୍ୟମରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ କରାଇଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟଳୟରୁ ଆରମ୍ଭ କରି ପ୍ରତ୍ୟେକ ବ୍ଲକର ଓସ୍ୱାନ ହଲ ସହିତ ସିଧାସଳଖ ଯୋଡିହୋଇ କର୍ମଚାରୀ ମାନେ ଶପଥ ପାଠ କରିଥିଲେ । ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାଓ୍ୱରୀ ବିଷମକଟକ



ବ୍ଲକରେ ଯୁଗ୍ମ ଅଭିଯୋଗ ଶିବିର ଥିବାରୁ ଆରକ୍ଷୀ ଅଧିକ୍ଷକ ରାୟଗଡ ସ୍ୱାତୀ ଏସ. କୁମାର, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହିତ ବିଷମ କଟକ ବ୍ଲକରେ ଶପଥ ପାଠ କରିଥିଲେ । ସେହିପରି ଜିଲ୍ଲା ସଦର ମହକୁମାରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଉପଜିଲ୍ଲାପାଳ ରାୟଗଡ ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଉପ-ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ଶାଖା, ରାୟଗଡ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକଟର ମଧୁମିତା ବେହେରା, ସହକାରୀ ଜିଲ୍ଲାପାଳ ଭଂଜନ କହଁର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଶାଖାର ଅଧିକାରୀ, ସେକ୍ସନ ଅଫିସର,ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ ମାନେ ଶପଥ ଗ୍ରହଣ କରିଥିଲେ । ସେହିପରି ବିଭିନ୍ନ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀ, ଅନୁବିଭାଗୀୟ ଅଧିକାରୀ ମାନଙ୍କୁ ଶପଥ ପାଠ କରାଇଥିଲେ । ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ଓ ଉପଖଣ୍ଡ ଓ ବ୍ଲକ କାର୍ଯ୍ୟାଳୟରେ ଶପଥ ପାଠ କରାଯାଇଛି ।

# ଜିଲ୍ଲାସ୍ତରୀୟ ଖେଳକୁଦ ଚୟନ ଶିବିର

**ଅନୁଗୁଳ, (ସୁବ୍ରତ ତ୍ରିପାଠୀ) :** ଅନୁଗୁଳ ଜିଲ୍ଲା ସ୍ତରୀୟ ଖେଳକୁଦ ଚୟନ ଶିବିର ଫରେଷ୍ଟ ରେଞ୍ଜର ଟ୍ରେନିଂ କଲେଜ ପରିସରରେ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଖେଳକୁଦ ଚୟନ ଶିବିରକୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୁସ୍ମିତା ସାହୁ ମୁଖ୍ୟ ଅତିଥି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ ସମ୍ମାନୀୟ ଅତିଥି ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରୀ ବନ୍ଧୁ ସାହୁ ଉପସ୍ଥିତ ରହି କାର୍ଯକ୍ରମକୁ ଉଦ୍ଘାଟନ କରିଥିଲେ । ଅନୁଗୁଳ ଜିଲ୍ଲାର ଆଠଟି ବ୍ଲକରୁ ପ୍ରତିଭାଗି ଛାତ୍ର ଛାତ୍ରୀ ୨୫୦ , କ୍ରୀଡ଼ା ପରିଚାଳକ ୬୦ଜଣ ଉପସ୍ଥିତ ଥିଲେ । ପ୍ରତ୍ୟେକ ବ୍ଲକରୁ ଚୟନ ହୋଇଥିବା ପ୍ରଥମ ଖେଳାଳି ଏଥିରେ ଭାଗ ନେଇଥିଲେ । ୧୭ବର୍ଷରୁ କମ ଓ ୧୪ବର୍ଷରୁ କମ ଛାତ୍ର ଛାତ୍ରୀ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳୀ ଆସନ୍ତା ୫ ତାରିଖ ନଭେମ୍ବର ମାସରେ କେନ୍ଦୁଝର ଜିଲ୍ଲାକୁ ରାଜ୍ୟସ୍ତରୀୟ ଚୟନରେ ଯୋଗ ଦେବେ ।